


ମଧ୍ୟରେ ରହିଛି – 'ମର୍ସି କିଲିଂ', 'ଲେଡ଼ିଜ୍ ସେକ୍ସ', 'ଇଏମ୍ଏସ୍ ଆଣ୍ଡ ଦି ଗାର୍ଲ' ଏବଂ ଉପନ୍ୟାସ ମଧ୍ୟରେ 'ଗୋଟ୍ ଡେଜ୍', 'ଦି ସେକେଣ୍ଡ ବୁକ୍ ଅଫ୍ ପ୍ରୋଫେଟ୍ସ', 'ଟୋଣ୍ଟି ଇଅର୍ସ ଅଫ୍ ଖ୍ରୀଷ୍ଟିୟାନ୍ କ୍ୱାର୍ଲ୍ଡ', 'ଆଲ୍ ଆରବିୟାନ୍ ନଭେଲ ଫ୍ୟାକ୍ଟ୍ରି' ଓ 'ଜସ୍ମିନ୍ ଡେଜ୍' ବେଶ୍ ପ୍ରସାରିତ, ପଠିତ ଓ ଆଲୋଚିତ।' ବେନ୍ୟାମିନ୍ଙ୍କର ଗଳ୍ପ ଓ ଉପନ୍ୟାସ ପୁସ୍ତକ ବ୍ୟତୀତ ଭ୍ରମଣକାହାଣୀ, ସ୍ମୃତିଚାରଣ ଓ ଟିପ୍ପଣୀମୂଳକ ପୁସ୍ତକମାନ ମଧ୍ୟ ପ୍ରକାଶିତ। ମାତ୍ର କୋଡ଼ିଏ ବର୍ଷ ବୟସରୁ ସେ ଗଦ୍ୟ ରଚନାରେ ନିରନ୍ତର ସକ୍ରିୟ ରହିଆସିଛନ୍ତି। ତାଙ୍କ ରଚିତ 'ଗୋଟ୍ ଡେଜ୍' ଉପନ୍ୟାସ ପ୍ରାୟ ସବୁ ଭାରତୀୟ ଭାଷାରେ ପ୍ରକାଶିତ ହୋଇ ଏକ ବହୁ ବିକ୍ରିତ ପୁସ୍ତକର ମାନ୍ୟତା ଲାଭ କରିଛି। ଏହା ସାଉଦି ଆରବରେ ଜଣେ ଭାରତୀୟ ଗୋଟି ଶ୍ରମିକର ଦୁଃଖଦ କାହାଣୀ ଉପରେ ରଚିତ। ସମ୍ପ୍ରତି ତାହା କେରଳ, କାଲିକଟ, ଭାରଥିଆର୍ ଓ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ପାଠ୍ୟପୁସ୍ତକ ଭାବେ ପ୍ରଚଳିତ। ଏପରିକି ତାହାର ମାଲୟାଲମ ସଂସ୍କରଣ କେରଳ ରାଜ୍ୟର ମାଧ୍ୟମିକ ସ୍ତରର ପାଠ୍ୟକ୍ରମରେ ମଧ୍ୟ ସ୍ଥାନିତ ହୋଇଛି।

ଏହି ସୁପରିଚିତ କଥାଶିଳ୍ପୀଙ୍କ 'ଗୋଟ୍ ଡ଼େଜ୍' ବା 'ଛେଳି ପାଳନର ଦିନସବୁ' ଉପନ୍ୟାସ ୨୦୦୯ ମସିହାରେ କେରଳ ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିବା ସହିତ ୨୦୧୨ ଓ ୨୦୧୩ ମସିହାରେ ମ୍ୟାନ୍ ଏସିଆନ୍ ସାହିତ୍ୟ ପୁରସ୍କାର ଓ ଡି.ଏସ୍.ସି ସାହିତ୍ୟ ପୁରସ୍କାର ମନୋନୟନରେ ସ୍ଥାନ ପାଇଥିଲା। ଏହା ୨୦୧୫ ମସିହାରେ ପଦ୍ମପ୍ରଭା ସାହିତ୍ୟ ପୁରସ୍କାର ଲାଭ କରିଛି।

ବେନ୍ୟାମିନ୍ଙ୍କ ଏହି ପୁରସ୍କୃତ ଉପନ୍ୟାସ 'ଜସ୍ମିନ୍ ଡ଼େଜ୍'ର ଇଂରାଜୀ ଅନୁବାଦିକା ହେଉଛନ୍ତି ଶାହାନାଜ୍ ହବିବ୍। ଏଇ ଅନୁବାଦିକାଙ୍କର ଜନ୍ମ କେରଳରେ ଏବଂ ସମ୍ପ୍ରତି ସେ ଆମେରିକାରେ ବସବାସ କରୁଛନ୍ତି। ଜଣେ ପ୍ରାବନ୍ଧିକ, କଥାଶିଳ୍ପୀ, ଭ୍ରମଣ କାହାଣୀ ରଚନାକାର ଓ ଅନୁବାଦିକା ଭାବେ ତାଙ୍କର ବେଶ୍ ପରିଚିତି ରହିଛି। ଏବେ ସେ ବେ-ପାଥ୍ ୟୁନିଭର୍ସିଟିରେ ଅଧ୍ୟାପନା କରିବା ସହିତ ଜାତିସଂଘରେ ଜଣେ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି। ଜଣେ ଯୁବ କବି ଭାବେ ତାଙ୍କ କବିତା ନବମ ଜାତୀୟ କବିତା ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଲାଭ କରିଥିଲା। ତାଙ୍କର ବହୁ ରଚନା ଗାର୍ଡିଆନ୍, ନ୍ୟୁୟର୍କର ଓ ଆଫର୍‌ରେ ନିୟମିତ ଭାବେ ପ୍ରକାଶିତ ହୋଇଆସୁଛି। ଜଣେ ପ୍ରାବନ୍ଧିକା ଭାବେ ବେଷ୍ଟ ଆମେରିକାନ୍ ଏସେଜ୍‌ରେ ତାଙ୍କ ପ୍ରବନ୍ଧ ସ୍ଥାନିତ ହେବା ସହିତ ଜଣେ ସଫଳ ପ୍ରାବନ୍ଧିକା ଓ ଭ୍ରମଣ ଲେଖିକା ଭାବେ ସେ ସ୍ୱୀକୃତିପ୍ରାପ୍ତ। ବେନ୍ୟାମିନ୍ଙ୍କ ଏହି ପୁସ୍ତକର ଅନୁବାଦ ତାଙ୍କର ପ୍ରଥମ ପୁସ୍ତକ ଅନୁବାଦ ଏବଂ ତାଙ୍କୁ ଏହି ମର୍ଯ୍ୟାଦାଜନକ ପୁରସ୍କାରର ଅଂଶ ବିଶେଷ ଭାବେ ସମ୍ମାନିତ କରାଯାଇଥିବାରୁ ସେ ବେଶ୍ ଖୁସି ବୋଲି କହିଛନ୍ତି।

ପୁରସ୍କାର ଗ୍ରହଣ ଅବସରରେ ବେନ୍ୟାମିନ ଏକ ସାକ୍ଷାତକାରରେ ନିଜ ରଚନା ସମ୍ପର୍କରେ କହନ୍ତି – 'ଅବଶ୍ୟ ସାହିତ୍ୟ ପ୍ରତି ମୁଁ ଟିକେ ବିଳମ୍ବରେ ଶ୍ରଦ୍ଧାଶୀଳ ହେଲି। ମୋ ଭିତରେ ସୁପ୍ତ ରହିଥିବା ଶବ୍ଦମାନଙ୍କୁ ଜାଗ୍ରତ କରିବା ପାଇଁ ସାଙ୍ଗମାନଙ୍କୁ ନିୟମିତ ଚିଠି ଲେଖିଲି। ସେଥିରେ ମୋ ବ୍ୟକ୍ତିଗତ ଚିନ୍ତନ, ସ୍ୱପ୍ନ ଓ ଭାବନାକୁ ମୋ ଶବ୍ଦରେ ରୂପାୟିତ କରିବାକୁ ଚେଷ୍ଟା କଲି ଏବଂ ତାହା ମୋ ବନ୍ଧୁମାନଙ୍କୁ ଆକୃଷ୍ଟ କଲା। ମୁଁ ଭାବିଲି ମୋ ଶବ୍ଦ ଗୁଡ଼ିକୁ ସେମାନେ ଭଲ ପାଉଛନ୍ତି। ମୋ ଭିତରେ ଏକ ଆତ୍ମପ୍ରତ୍ୟୟ ସୃଷ୍ଟି ହେଲା ଓ ମୁଁ ସର୍ଜନଶୀଳ ରଚନାରେ ହାତ ଦେଲି। ମୁଁ ପଠାଇଥିବା ଗଳ୍ପ ଗୁଡ଼ିକ ଭଲ ସମ୍ପାଦକମାନଙ୍କ ଦ୍ୱାରା ନାକଚ ହୋଇଗଲା। ବିଳମ୍ବରେ ମୁଁ ମୋ ନିଜସ୍ୱ ଶୈଳୀ ଓ ଗଳ୍ପ ଲେଖାର